ସକାଳ THE SAKALA



www.sakalaepaper.com

## ଜଳେଶ୍ୱର ରୋଟାରୀ କ୍ଲବ୍‌ର ସେବାକାର୍ଯ୍ୟ



ଜଳେଶ୍ୱର,୧୭।୧୨ (ସମିସ): ରୋଟାରୀ ଜିଲ୍ଲା ୩୨୬୨ ଓ ଜଳେଶ୍ୱର ରୋଟାରୀ କ୍ଲବ ମିଳିତ ଆନୁକୂଲ୍ୟରେ ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଛମୌଜ ଜଗନ୍ନାଥ ପଡିଆ ନିକଟରେ ଅସହାୟମାନଙ୍କୁ ବିଭିନ୍ନ ଉପକରଣ ବଣ୍ଟନ କରାଯାଇଛି। ଖରିଦା ଗାଁର ଦିବ୍ୟାଙ୍ଗ ହେମନ୍ତ ଜେନାଙ୍କୁ ହୁଇଲ ଚେୟାର, ଜଳେଶ୍ୱର ନୂଆ ବଜାରର ରେଖା ରାଣୀ ବ୍ରହ୍ମଙ୍କୁ ମିଲ୍ ଗ୍ରାଇଣ୍ଡର, ମହୁଡୁମା ଗାଁର ମହିଳା ମୋନାଲିସା ସାସମଲଙ୍କୁ ସିଲେଇ ମେସିନ, ଚକଅର୍ଜୁନି ଗାଁର ଦିବ୍ୟାଙ୍ଗ କୈଳାସ ଚନ୍ଦ୍ର ଦେଙ୍କୁ ଶ୍ରବଣ ଯନ୍ତ୍ର ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ଜଳେଶ୍ୱର ରୋଟାରୀ କ୍ଲବ ସଭାପତି ସୁବୀର ସେନାପତି, ପ୍ରାକ୍ତନ ସଭାପତି ରୋଟାରିଆନ ରାଜେଶ କୁମାର ଖଟୁଆ, ତାରାପଦ ମହାନ୍ତି, ସୁବ୍ରତ ରଣା, ମଣିଭଦ୍ର ଜେନା, ଇଂ ଭାସ୍କର ରଞ୍ଜନ ସ୍ୱାଇଁ, ବିକାଶ ଧର, ନନ୍ଦନ ଦତ୍ତ, ଲେଲିନ ପ୍ରଧାନ, ରାଜକିଶୋର ହୁଇ, ନିର୍ମଳ ରାଜ ପ୍ରମୁଖ ସାମିଲ ହୋଇଥିଲେ।

# ଅବହେଳିତ ଅବସ୍ଥାରେ ଆଦିବାସୀ ଗାଁ ରାଣୀଘାଟ

ଜଳେଶ୍ୱର, ୧୭।୧୨(ସମିସ)



ଘରକୁ ଘର ବୁଲିଲେ ବିଡ଼ିଓ

ଲକ୍ଷ୍ମଣନାଥ ପଞ୍ଚାୟତର ଆଦିବାସୀ ଅଧ୍ୟୁଷିତ ରାଣୀଘାଟି ରାଜସ୍ୱ ଗାଁକୁ ସ୍ଥାୟୀ ରାସ୍ତା ଓ ପାଇଖାନା ନ ଥିବାରୁ ଦୀର୍ଘଦିନ ହେବ ଅବହେଳିତ ଅବସ୍ଥାରେ ରହିଛନ୍ତି। ଗ୍ରାମକୁ ପକ୍କା ରାସ୍ତା, କାଳିନାଗ ପଞ୍ଚାୟତ ପୋଖରୀର ପୁନରୁଦ୍ଧାର, ସମସ୍ତଙ୍କୁ ପାଇଖାନା ଯୋଗାଇବା, ରାସ୍ତାକୁ ଆଲୋକୀକରଣ ଦାବିରେ ଗ୍ରାମବାସୀ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଆଜି ବିଡିଓ ଗୌରାଙ୍ଗ ଘୋଷ ବ୍ଲକର ସମସ୍ତ ଅଧିକାରୀଙ୍କ ସହିତ ଗସ୍ତ କରି ଘରକୁ ଘର ବୁଲି ସମୀକ୍ଷା କରିଛନ୍ତି।

ଲକ୍ଷ୍ମଣନାଥ ପଂଚାୟତର ୯ନଂ ୱାର୍ଡ ରାଣିଘାଟି ଗାଁରେ ୧୫୦ରୁ ଅଧିକ ଆଦିବାସୀ ପରିବାର ରହିଆସୁଛନ୍ତି। ଜଳେଶ୍ୱର-ଲକ୍ଷ୍ମଣନାଥ ମୁଖ୍ୟ ରାସ୍ତାରୁ ଗ୍ରାମଟି ୨ କି.ମି. ଦୂରରେ ଅବସ୍ଥିତ ଥିବାବେଳେ ଏହି ଗାଁରେ ପ୍ରାୟ ସମସ୍ତେ ଦିନ ମଜୁରିଆ ଓ ଅପାଠୁଆ। ମାତ୍ର କେତେଜଣଙ୍କୁ ଛାଡିଦେଲେ ଅନ୍ୟକାହାରି ନିଜର ବୋଲି ଚାଷ ଜମି ନଥିବା ବେଳେ ଅଳ୍ପ କେତେକ ଲୋକ ଆବାସ ଘର ଯୋଜନାରେ ଅନ୍ତର୍ଭୁକ୍ତ ହୋଇଛନ୍ତି। ବ୍ଲକ କାର୍ଯ୍ୟାଳୟଠାରୁ ମାତ୍ର ୫ କି.ମି. ଦୂରରେ ଏହି ଅବହେଳିତ ଗାଁକୁ ରାସ୍ତାଟିଏ ନାହିଁ, କାହାକୁ ପାଇଖାନା ମଧ ମିଳିନାହିଁ। ଗାଁ ମଝିରେ ଥିବା କାଳିନାଗ ପଞ୍ଚାୟତ ପୋଖରୀ ଏମାନଙ୍କ ପାଇଁ ସାହାଭରସା। ପୋଖରୀଟି ମଧ ପୋତି ଯାଇଥିବା ବେଳେ ଏହାର ପାଣି ବ୍ୟବହାର ଉପଯୋଗୀ ନୁହେଁ। ରହିବା ଲାଗି ଘରଟିଏ ମଧ ନାହିଁ। ଗାଁର ଲୋକମାନେ ଘରୋଇ ଜମିଉପରେ ହୋଇଥିବା ସଂକୀର୍ଣ୍ଣ ପାଦଚଲା ରାସ୍ତାରେ ହିଁ ଯିବାଆସିବା କରିଥାନ୍ତି। ବର୍ଷାଦିନେ ରାସ୍ତାର ଅବସ୍ଥା ନ କହିବା ଭଲ। ଗାଁକୁ କୌଣସି ଆମ୍ବୁଲାନ୍ସ କିମ୍ବା ଦମକଳ ଗାଡି ଆସିବା ସମ୍ଭବ ନୁହେଁ। ରାସ୍ତା ନ ଥିବାରୁ ଘର ତିଆରି ଉପକରଣ ନେବାପାଇଁ ମୁଣ୍ଡରେ ବୋହିଥାନ୍ତି। ଶହ ଶହ ବର୍ଷ ଧରି ବଂଶାନୁକ୍ରମିକ ଏହି ଗାଁର ଲୋକମାନେ ନିକଟ ଗାଁ ଲୋକଙ୍କ ଘରେ ମୂଲଲାଗି ଚଳି ଆସୁଛନ୍ତି। ଏ ସମ୍ପର୍କରେ ଗ୍ରାମବାସୀ ଗତ ନଭେମ୍ବର ମାସରେ ବ୍ଲକ କାର୍ଯ୍ୟାଳୟରେ ହୋଇଥିବା ଜିଲାପାଳଙ୍କ ମିଳିତ ଜନଶୁଣାଣୀରେ ଅଭିଯୋଗ କରିଥିଲେ।

ଆଜି ବିଡିଓ ଶ୍ରୀ ଘୋଷ, ସିପି ସୁଜିତ୍ ଜେନା, ବ୍ଲକ ନିର୍ବାହୀ ଯନ୍ତ୍ରୀ ସୌମ୍ୟରଂଜନ ସାହୁ, ସହକାରୀ ଯନ୍ତ୍ରୀ ନିରଞ୍ଜନ ବିଶ୍ୱାଳ, ବିପିସି ଶର୍ମିଷ୍ଠା ଚକ୍ରବର୍ତ୍ତୀ, ପିଇଓ ଗୌତମ ଜେନା ଉକ୍ତ ଗାଁକୁ ପରିଦର୍ଶନରେ ଯାଇ ଅନୁଧ୍ୟାନ କରି ଫେରିଛନ୍ତି। ପ୍ରାୟ ୨୦ଶତକଡା ପରିବାରର କୌଣସି ଘରବାଡି ଡିହ ନ ଥିବା ବେଳେ ୪୦ ଶତକଡା ଲୋକଙ୍କୁ ଗାଁ ଠାରୁ ପ୍ରାୟ ୨୦ କି.ମି. ଦୂର ଚାଲନ୍ତି, ଜଳେଶ୍ୱରପୁର ଓ ରାଜପୁର ମୌଜାରେ ସରକାରଙ୍କ ପକ୍ଷରୁ ଘରଡିହ ପଟ୍ଟା ଦିଆଯାଇଥିବାରୁ ସେମାନେ ଏହି ସ୍ଥାନରୁ ଯିବାକୁ ମଙ୍ଗୁନାହାନ୍ତି। ଦୁଇବର୍ଷ ତଳେ ନିର୍ମାଣ ହୋଇଥିବା ରଜ ଚାନ୍ଦିନୀ ଠାକୁରାଣୀ ଆସ୍ଥାନ ମଧ ଫାଟି ଆଁ କରିଛି।

ଗାଁରେ କେବଳ ଅଙ୍ଗନବାଡି ଥିବା ବେଳେ ଏହାର ଘର ମଧ ନିର୍ମାଣ ହୋଇନାହିଁ। ପାଠ ପଢିବା ପାଇଁ ପିଲାମାନଙ୍କୁ ୨ କି.ମି. ଦୂର କାଦୁଅ ରାସ୍ତାରେ ଯିବାକୁ ପଡିଥାଏ। ଏହି ପରିଦର୍ଶନ ବେଳେ ମଣ୍ଡଳ ସଭାପତି ଅନୂପ ପ୍ରଧାନ, ଶାନ୍ତନୁ ପଟ୍ଟନାୟକ, ସରପଞ୍ଚ ରଂଜନ ମହାନ୍ତି, ସମିତି ସଦସ୍ୟ ଜ୍ୟୋତିନ୍ଦ୍ର ଦାସ, ଉତ୍ତମ କର, ରାମଚନ୍ଦ୍ର କର, ଆକାଶ ପ୍ରଧାନ, ମଧୁ ସିଂ, ଶ୍ୟାମସୁନ୍ଦର ସିଂ, ନାଥ ସରେନ୍, ଦାସ ସରେନ୍, ସୁଦର୍ଶନ ସିଂ, ବିଷ୍ଣୁ ଦେହୁରୀ, ପବନ ଦେହୁରୀ, ରବି ସିଂ, ବିଷ୍ଣୁ ଦେହୁରୀ, କାର୍ତ୍ତିକ ସରେନ୍ ପ୍ରମୁଖ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

## ଭୋଗରାଇ ବ୍ଲକସ୍ତରୀୟ ସାଂସଦ ଖେଳ ମହୋତ୍ସବ ଉଦ୍‌ଘାଟିତ



ଭୋଗରାଇ, ୧୭।୧୨ (ସମିସ) : ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଜଳେଶ୍ୱରପୁର ପଞ୍ଚାୟତରେ ଥିବା ଜଳେଶ୍ୱରପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ସାଂସଦ ଖେଳ ମହୋତ୍ସବ ଉଦଘାଟିତ ହୋଇଯାଇଛି। ଯୁବ ସାମାଜିକ କର୍ମୀ ଦିବ୍ୟ ସୁନ୍ଦର ଦାସଙ୍କ ସଂଯୋଜନାରେ ଆୟୋଜିତ ଏହି ମହୋତ୍ସବରେ ଭୋଗରାଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଶାନ୍ତ କୁମାର ମହାରଣା ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ମୁଖ୍ୟଅତିଥି ଭାବେ ଭୋଗରାଇ ବିଡ଼ିଓ ଶ୍ରୀ ମହାରଣା, ମୁଖ୍ୟବକ୍ତା ଏବିଇଓ ଜ୍ୟୋତ୍ସ୍ନା ରାଣୀ ପଣ୍ଡା, ସମ୍ମାନିତ ଅତିଥି ବରିଷ୍ଠ ବିଜେପି ନେତା ଅଂଶୁମାନ ମହାନ୍ତି, ସାଂସଦ ପ୍ରତିନିଧି ତଥା କୁମ୍ଭୀରମୁଳି ସମିତି ସଭ୍ୟ ଆଶିଷ ପାତ୍ର ସମାଜସେବୀ ସଂଜୀବ ସାହୁ, ଭୋଗରାଇ ଥାନା ଅଧିକାରୀ ରହିତ ବଳ, ଜୟରାମପୁର ସମିତି ସଭ୍ୟ ରାଧାକାନ୍ତ ପ୍ରଧାନ,ଯୋଗଦେଇ ପ୍ରଥମ ଦିନରେ ୪ଟି ଜୋନରୁ ଆସିଥିବା ଷଷ୍ଠ ଶ୍ରେଣୀ ପାଖରୁ+୨ ଦିତୀୟ ବର୍ଷର ଛାତ୍ରଛାତ୍ରୀ ଖେଳାଳିମାନଙ୍କୁ ଶୃଙ୍ଖଳିତ ଆଚରଣ ସହିତ ଖେଳ ପ୍ରଦର୍ଶନ କରିବାକୁ ପରାମର୍ଶ ଦେଇଥିଲେ। ଏହି କ୍ରୀଡ଼ା ଉତ୍ସବରେ ଫୁଟବଲ, ଭଲିବଲ, କବାଡି, ଦୌଡ,ମ୍ୟୁଜିକ ଚେୟାର,ସ୍କିପିଙ୍ଗ ସହିତ ବହୁଗୁଡିକ ଖେଳରେ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଭିନ୍ନ ସ୍କୁଲରେ ଆସିଥିବା ଖେଳ ଶିକ୍ଷକ ଶୁଭେନ୍ଦୁ ଆଚାର୍ଯ୍ୟ, ହିମାଂଶୁ ଶେଖର ଦାସ, ବିଶ୍ୱଜିତ ଜେନା,ସୁନିଲ ସିଂ, ସଞ୍ଜୀବ ପଣ୍ଡା, ଉତ୍ତମ ଜେନା, ଧିରେନ୍ଦ୍ର ଦାସ, ପ୍ରାଣକୃଷ୍ଣ ଦେ, ଭଗବାନ ମଣ୍ଡଳ, ମିନତୀ ପ୍ରଧାନ, ସୁଶାନ୍ତ ସାହୁ, ସୁଶାନ୍ତ ବାରିକ, ସହଯୋଗ କରିଥିଲେ।

## ରାଜ୍ୟ ଏସସିଏସଟି ସୁରକ୍ଷା ମଞ୍ଚ ପକ୍ଷରୁ ସଚେତନତା କର୍ମଶାଳା



କାଳିପଦା, ୧୭।୧୨ (ସମିସ): ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି (ଏସସିଏସଟି) ସୁରକ୍ଷା ମଞ୍ଚ ପକ୍ଷରୁ ସଚେତନତା କର୍ମଶାଳା ବୁଧବାର ବାଲିଆପାଳ ବଜାର ପାରୁଲିଆ ଛକ ଦୁର୍ଗା କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇ ଯାଇଛି। ମଞ୍ଚର ରାଜ୍ୟ ଉପଦେଷ୍ଟା ସୁକାନ୍ତ ଗିରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କର୍ମଶାଳାରେ ପ୍ରାକ୍ତନ ସ୍ୱତନ୍ତ୍ର ଶାସନ ସଚିବ ଖଗେନ୍ଦ୍ର ନାଥ ଜେନା ମୁଖ୍ୟଅତିଥି, ବାଲିଆପାଳ ବ୍ଲକ ସାଂସଦ ପ୍ରତିନିଧି ରବୀନ୍ଦ୍ର ନାଥ ଅଣ୍ଡିଆ ମୁଖ୍ୟ ବକ୍ତା, ସମ୍ମାନିତ ଅତିଥି ଭାବରେ ଚିଲିକା ଏସସିଏସଟି ସଂଯୁକ୍ତ ମୋର୍ଚ୍ଚା ସାଧାରଣ ସମ୍ପାଦକ ଦିଲ୍ଲୀପ କୁମାର ବେହେରା, ବରିଷ୍ଠ ସାମ୍ବାଦିକ ପ୍ରଫୁଲ୍ଲ କୁମାର ଦଳାଇ, ପ୍ରାଧ୍ୟାପକ କୁଞ୍ଜକାନ୍ତ ପାତ୍ର, ବାଲିଆପାଳ ସରପଞ୍ଚ ପ୍ରତିନିଧି ହେମନ୍ତ କୁମାର ଦାସ,ପ୍ରାକ୍ତନ ପୁଲିସ ଇନ୍ସପେକ୍ଟର ପ୍ରସନ୍ନ କୁମାର ନାଏକ, ଆଇନଜୀବୀ ଦୁର୍ଗା ପ୍ରସାଦ ଜେନା ପ୍ରମୁଖ ଯୋଗ ଦେଇ ଦଳିତ ଲୋକଙ୍କ ସମସ୍ୟା ଓ ସେମାନଙ୍କ ସୁରକ୍ଷା ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆରତୀ ପାତ୍ର, ମନ୍ମଥ ସାହୁ, କମଳ ଲୋଚନ ପିଳା, ବିଜୟ ପାତ୍ର, ସେକ ନିମାଜୀ, ଭୀଷ୍ମ ଚରଣ ମଲ୍ଲିକ, ବୁଦ୍ଧିରାମ ଜେନା, ପ୍ରଭାତ ରଞ୍ଜନ ଦାସ, ଲମ୍ବୋଦର ନାଏକ, ମଦନ ମୋହନ ଦାସ ପ୍ରମୁଖ ଶତାଧିକ ଲୋକ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ମଞ୍ଚର ରାଜ୍ୟ ସଭାପତି ସୁଧୀର ଖଣ୍ଡା ଅତିଥି ପରିଚୟ ସ୍ୱାଗତ ଭାଷଣ, ରାଜ୍ୟ ସମ୍ପାଦକ ସଦାଶିବ ସେଠୀ ବିବରଣୀ, ଜିଲ୍ଲା ସଭାପତି ସନ୍ୟାସୀ ବେହେରା ବେଦ ପାଠ କରିଥିଲେ। କ୍ଷିତୀଶ ଚନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ପେଟ ପାଇଁ ଜୀବନ ବାଜିରେ



ନୀଳଗିରି, ୧୭।୧୨ (ସମିସ): ଆଜିର ଦୁନିଆରେ ଅନେକ ଲୋକ ପେଟକୁ ମୁଠାଏ ଦାନା ଦେବାକୁ ନିଜର ଜୀବନକୁ ବାଜିରେ ଲଗାଇ ଦେଇଛନ୍ତି। ଭଗବାନ ହିଁ ସେମାନଙ୍କର ସାହା ଭରଷା ବୋଲି ଭାବି ନେଇଛନ୍ତି। ଏପରି ଏକ ଦୁଃସାହସିକ ଖେଳ ନୀଳଗିରିର ସନ୍ଧ୍ୟା ସମୟରେ ଦେଖିବାକୁ ମିଳିଛି। ବାଉଁଶ ରାଣୀ ଖେଳ। ଜଣେ ନାବାଳିକାର ଏହି ଦୁଃସାହସିକ ଖେଳ ଦେଖିବା ପାଇଁ ଲୋକଙ୍କ ନାହିଁନ ଥିବା ଭିଡ଼। ଏକ ଦଉଡ଼ିରେ ଏହି ନାବାଳିକା ଗୋଟାଏ ଗୋଡ଼ରେ ବିଭିନ୍ନ ଖେଳ ପ୍ରଦର୍ଶନ ଦେଖି ଦେଖଣାହାରୀ ସ୍ତବ୍ଧ ହୋଇ ପଡ଼ିଥିଲେ। କାଳେ ଝିଅ ତାରରୁ ଖସି ପଡ଼ିବ, ସେଥିପାଇଁ ଦଉଡ଼ି ତଳେ ତଳେ ସୁରକ୍ଷା ଦେବା ପାଇଁ ବାପର ନଜର ରହିଥାଏ। ଖେଳ ସରିବା ପରେ ପ୍ରତିକ୍ରିୟା ନେବା ବେଳେ ବାପ ଆଖିରୁ ଲୁହ ଝରି ପଡିଥିଲା। କ'ଣ କରିବୁ ବାବୁ, ନିଜ ପରିବାରର ପେଟ ପୋଷିବା ପାଇଁ ଆଜି ମୋର ନାବାଳିକା ଝିଅର ଜୀବନକୁ ବାଜିରେ ଲଗାଉଛି। କେବଳ ଭଗବାନ ହିଁ ମୋର ସାହା ଭରଷା।

## ସିଦ୍ଧେଶ୍ୱର ହାଇସ୍କୁଲରେ ବାର୍ଷିକ କ୍ରୀଡ଼ା



ଜଳେଶ୍ୱର,୧୭।୧୨(ସମିସ): ଜଳେଶ୍ୱର ମ୍ୟୁନିସିପାଲିଟି ଅଧିନ ଶାସନବାଡ ଗ୍ରାମସ୍ଥିତ ସିଦ୍ଧେଶ୍ୱର ହାଇସ୍କୁଲରେ ୨୫ତମ ବାର୍ଷିକ ୩ ଦିନିଆ କ୍ରୀଡା ଉତ୍ସବ ଉଦଘାଟିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜଳେଶ୍ୱର ଆଇଆଇସି ଅଶୋକ କୁମାର ବାରିକ ଯୋଗ ଦେଇ କ୍ରୀଡା ପତାକା ଉତ୍ତୋଳନ କରିବା ସହିତ ଶୃଙ୍ଖଳିତ ଓ ଉତ୍ତମ ଖେଳ ପ୍ରଦର୍ଶନ ଲାଗି ଶିକ୍ଷାର୍ଥୀଙ୍କୁ ଉତ୍ସାହିତ କରିଥିଲେ। ପ୍ରଧାନ ଶିକ୍ଷକ ହରିଶଙ୍କର ମହାନ୍ତି ସିଦ୍ଧେଶ୍ୱର ମହାଦେବଙ୍କ ମନ୍ଦିର ମଶାଲ ଜଳାଇ ଛାତ୍ରୀଛାତ୍ରୀଙ୍କ ସହିତ ଗ୍ରାମ ପରିକ୍ରମା କରି ଶନିମନ୍ଦିର ପଡ଼ିଆକୁ ଆଣିଥିଲେ। ଶିକ୍ଷକ ସରୋଜ କୁମାର ପାଣିଗ୍ରାହୀ ମଞ୍ଚ ଆମନ୍ତ୍ରଣ, ଅତିଥି ପରିଚୟ ଓ ଖେଳ ପରିଚାଳନା କରିଥିଲେ। ଶିକ୍ଷକ ମନୋରଞ୍ଜନ ଗିରି, ଚିତ୍ତରଂଜନ ଜେନା, ମାନସ ଦାସ, ସୁବ୍ରତ ବାରିକ, ରାଜିବ ନାରାୟଣ କର, କୃଷ୍ଣଚନ୍ଦ୍ର ଜେନା, ଶୟନ ରାଉଳ,ଦାମୋଦର ମହାନ୍ତି, ଝାଡେଶ୍ୱର ରାଉଳ ପ୍ରମୁଖ ଶିକ୍ଷକ ଓ କର୍ମଚାରୀ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

## ଜାତୀୟ ପେନସନ୍ ଦିବସ ପାଳିତ

ଜଳେଶ୍ୱର,୧୭।୧୨(ସମିସ) : ଜଳେଶ୍ୱର ବ୍ଲକର ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ପକ୍ଷରୁ ବୁଧବାର ଜାତୀୟ ପେନସନ୍ ଦିବସ କାଳୀ ମନ୍ଦିର ସମ୍ମିଳନୀ କକ୍ଷରେ ପାଳିତ ହୋଇଯାଇଛି। ସଭାରେ ସଂଘର ସଭିପତି ଖଗେନ୍ଦ୍ର ନାଥ ସାହୁ ଅଦ୍ଧକ୍ଷତା କରିଥିଲେ। ସମ୍ପାଦକ କପିଳେଶ୍ୱର ମହାନ୍ତି ଉଦ୍ଦେଶ୍ୟ ଜ୍ଞାପନ ଓ ବିବରଣୀ ପାଠ




କରିଥିଲେ। ମୁଖ୍ୟଅତିଥି ଭାବେ ଜିଲ୍ଲା ସଂଘ ଉପସଭାପତି ସୁଦର୍ଶନ ଦାସ, ମୁଖ୍ୟବକ୍ତା ଭାବେ ଶ୍ରୀକାନ୍ତ ଚରଣ ପାତ୍ର ଯୋଗଦେଇ ଅବସରକାଳୀନ ପେନସନ୍ ପ୍ରଦାନରେ ସ୍ୱଚ୍ଛତା, ତତ୍ପରତା, ସରଳତା ଆଣିବା ଆବଶ୍ୟକ ବୋଲି ମତପ୍ରକାଶ କରିଥିଲେ। ସଭାରେ ପ୍ରାକ୍ତନ ଅଦ୍ଧକ୍ଷ ଜିତାରାମ ଦେ, ଲଳିତ ରଞ୍ଜନ ସେନାପତି, ପୂର୍ଣ୍ଣଚନ୍ଦ୍ର ଓଝା, ରାଜାରାମ କରଶର୍ମା, ପ୍ରାକ୍ତନ ବିଇଓ ଲଲାଟେନ୍ଦୁ ଜେନା, ଶଶିକାନ୍ତ ପ୍ରଧାନ, ଭାଗବତ ଚନ୍ଦ୍ର ପରିଡା, ଶରତ ଚନ୍ଦ୍ର ପରିଡା, ମହେଶ୍ୱର ଦାସ, ବନମାଳୀ ଧଳ, ରଜତ ଚନ୍ଦ୍ର ଦାସ, ବିଶ୍ୱନାଥ ଘୋଷ, ପ୍ରଫୁଲ୍ଲ ମହାନ୍ତି, ଚନ୍ଦ୍ରାବତୀ ସାହୁ, ଲିଲିମା ପଟ୍ଟନାୟକ, କାଞ୍ଚନ ବାଳା ଚନ୍ଦ, ମୁରଲୀ ମୋହନ ଘୋଷ, ବ୍ରଜ ବଲ୍ଲଭ ସାହୁ, ଗୋପାଳ ସେନାପତି, ଜ୍ୟୋତିଷ କର ପ୍ରମୁଖ ଉପସ୍ଥିତ ଥିଲେ। ଅଷ୍ଟମ ବେତନ କମିଶନରେ ସପ୍ତମ ବେତନ କମିଶନ ଭଳି ସୁବିଧା ସୁଯୋଗ ପ୍ରଦାନ ଲାଗି ଦାବି କରାଯାଇଥିଲା। ଉକ୍ତ ସଭାକୁ ଯୋଗେଶ ଚନ୍ଦ୍ର ରାଉଳ ପରିଚାଳନା କରିଥିବା ବେଳେ ଜ୍ୟୋତିଷ ଚନ୍ଦ୍ର କର ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ କବି ବାଞ୍ଛାନିଧି ମହାନ୍ତିଙ୍କ ସମୀକ୍ଷା ରେ ବରିଷ୍ଠ କବି ବଙ୍କିମ ଚନ୍ଦ ଦେଙ୍କ ସୃଜନା "ପୁଷ୍ପାଞ୍ଜଳି" ପୁସ୍ତକ ଉନ୍ମୋଚିତ ହୋଇଥିଲା।

## ନୀଳଗିରି କ୍ରିକେଟ ଲିଗ୍ ସିଜିନ-୫ ଉଦ୍‌ଘାଟିତ



ନୀଳଗିରି, ୧୭।୧୨ (ସମିସ): ନୀଳଗିରି କ୍ରିକେଟ ଲିଗ ସିଜିନ୍-୫ର ଉଦ୍‌ଘାଟନୀ ମ୍ୟାଚ ନୀଳଗିରି କେ ସି ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ହୋଇଛି। ଆଜିର ଏହି ଉଦଘାଟନୀ ମ୍ୟାଚରେ ମୁଖ୍ୟଅତିଥି ଭାବେ ନୀଳଗିରି ବ୍ଲକର ବିଡିଓ ବିକ୍ରମ କେଶରୀ ପରିଡ଼ା ଓ ନୀଳଗିରି ପୋଲିସ ଉପଖଣ୍ଡ ଅଧିକାରୀ ପ୍ରମୋଦ କୁମାର ମଲ୍ଲିକ ଯୋଗ ଦେଇ ବ୍ୟାଟିଂ କରି ଉଦ୍‌ଘାଟନ କରିଥିଲେ। ପ୍ରଥମ ମ୍ୟାଚ ୫ଏସ ଫାଇଟର ଓ ମହାବୀର ୟୁନାଇଟେଡ ମଧ୍ୟରେ ୧୨ଓଭର ବିଶିଷ୍ଟ ମ୍ୟାଚ୍‌ରେ ମହାବୀର ୟୁନାଇଟେଡ ୧୨ଓଭରରେ ୮ଟି ୱିକେଟ୍ ହରାଇ ୧୧୧ରନ୍ କରିଥିଲେ। ଅପର ପକ୍ଷରେ ୫ଏସ ଫାଇଟର୍ ୪ରନ୍‌ରେ ବିଜୟ ଲାଭ କରିଛି। ଜଗନ୍ନାଥ ଦାସ ଓ ଦେବାଶିଷ ବେହେରା ମ୍ୟାଚ୍ ପରିଚାଳନା କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ବାଲେଶ୍ୱର ଜିଲାର ଯୁବ ବିଜେଡ଼ି ସଭାପତି ତାପସ ପରିଡ଼ା ଯୋଗଦେଇ ବିଜୟ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ।

## ଆଶା ବୃନ୍ଦାବନ ବାଳିକା ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ଔପଦା,୧୭।୧୨(ସମିସ): ଔପଦା ବ୍ଲକ ଗଡ଼ସାହି ପଞ୍ଚାୟତ ଆଶା ବୃନ୍ଦାବନ ବାଳିକା ବିଦ୍ୟାଳୟର ବାର୍ଷିକ କ୍ରୀଡା ଓ ସାଂସ୍କୃତିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ବାଳିକା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭଗବାନ ଚରଣ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ପ୍ରଦାନ କରିବା ସହିତ ସ୍କୁଲ ହଷ୍ଟେଲର ଅନ୍ତେବାସୀମାନଙ୍କର ରହିବା ଶୋଇବା ଓ ଖଟ କିଣିବା ପାଇଁ ବିଧାୟକ ପାଣ୍ଠିରୁ ୫ ଲକ୍ଷ ଟଙ୍କା ତୁରନ୍ତ ପ୍ରଦାନ କରିବେ ବୋଲି ଘୋଷଣା କରିଥିଲେ। ସମ୍ମାନିତ ଅତିଥି ଭାବେ ସ୍କୁଲ ପରିଚାଳନା କମିଟିର ସଭାପତି ମହେନ୍ଦ୍ର ତ୍ରିପାଠୀ, ସରପଞ୍ଚ ନିତ୍ୟାନନ୍ଦ ମୁଦୁଲି, ଅବସରପ୍ରାପ୍ତ ବିଇଓ ପିତାମ୍ବର ବାରିକ, ବରିଷ୍ଠ ସାମ୍ବାଦିକ ଅଶୋକ କୁମାର ପ୍ରଧାନ, ସମାଜସେବୀ



ପର୍ଶୁରାମ ଲେଙ୍କା, ଏବିଇଓ ରତ୍ନାକର ଦାସ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଭିନ୍ନ କ୍ରୀଡା ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ୬୧ ଗ୍ରାମ ବ୍ରାଉନସୁଗର ଜବତ, ୨ ଅଟକ

ଜଳେଶ୍ୱର, ୧୭ ।୧୨(ସମିସ): ସୁବର୍ଣ୍ଣରେଖା ନଦୀ ବନ୍ଧ ନିକଟ ଶାସନବାର୍ଡ ଠାରେ ଚଢାଉ କରି ଦୁଇଜଣ ନିଶା ବ୍ୟବସାୟୀଙ୍କୁ ପୁଲିସ ଗିରଫ କରିଛି। ସେମାନଙ୍କ ନିକଟରୁ ମୋବାଇଲ ଫୋନ ଓ ନଗଦ ୨ ହଜାର ଟଙ୍କା ଜବତ ହୋଇଥିଲା। ଏକ ପରିତ୍ୟକ୍ତ ଘରେ ବ୍ୟବସାୟୀମାନେ ଡିଲିଂ କରୁଥିବାବେଳେ ଆଇଆଇସି ସଦଳବଳେ ଚଢ଼ଉ କରି ସେହି ଗାଁର ୨ଜଣ ଯୁବକକୁ କାବୁ କରିଥିଲେ। ସେମାନଙ୍କଠାରୁ ଜବତ ହୋଇଥିବା ବ୍ରାଉନସୁଗରର ମୂଲ୍ୟ ୬.୧ ଲକ୍ଷ ଟଙ୍କା ହେବ ବୋଲି ଜଣାଯାଇଛି।

# ନୀଳଗିରି ବ୍ଲକ୍‌ସ୍ତରୀୟ ସାଂସଦ ଖେଳ ମହୋତ୍ସବ

ନୀଳଗିରି, ୧୭।୧୨ (ସମିସ)




ନୀଳଗିରି ଥାନା ପଡିଆରେ ନୀଳଗିରି ବ୍ଲକସ୍ତରୀୟ ସାଂସଦ ଖେଳ ମହୋତ୍ସବ ଅନୁଷ୍ଠିତ ହୋଇଛି। ଆଜିର ଉଦଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉପ ଜିଲ୍ଲାପାଳ ଶୁଭଶ୍ରୀ ରଥ, ନୀଳଗିରି ବିଡ଼ିଓ ବିକ୍ରମ କେଶରୀ ପରିଡା, ମୁଖ୍ୟ ବକ୍ତା ଭାବେ ନୀଳଗିରି ଏନ୍ଏସି ଚେୟାରମ୍ୟାନ ମହେନ୍ଦ୍ର ନାଥ ବେହେରା, ସମାଜସେବୀ ଈଶ୍ୱର ବେହେରା, ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ, ନୀଳଗିରି ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ମିହିର ଦାସ, ଚନ୍ଦ୍ର ଶେଖର ନନ୍ଦ, ସାଂସଦ ଖେଳ ନୀଳଗିରି ବ୍ଲକ ସଂଯୋଜକ ଦେବାଶିଷ ଆଚାର୍ଯ୍ୟ, ସାଂସଦ ପ୍ରତିନିଧି ପ୍ରକାଶ ମହାପାତ୍ର, ସୂର୍ଯ୍ୟକାନ୍ତ ବିଶ୍ୱାଳ, ବିଧାୟକ ପ୍ରତିନିଧି ସୁରଞ୍ଜନ ମହାପାତ୍ର, ଶିଶିର ରାଉତ, ପ୍ରଫୁଲ୍ଲ ଦଳେଇ, ସବ୍ୟସାଚୀ ମହାପାତ୍ର, ପ୍ରବୀଣ ନାୟକ, ରବୀନ୍ଦ୍ର ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଦୁଇ ଦିନ ଧରି ହେବାକୁ ଥିବା ଏହି ବ୍ଲକ ସ୍ତରୀୟ କାର୍ଯ୍ୟକ୍ରମରେ ଆଜି ଜୁନିୟର ସ୍ତରୀୟ ଖେଳର ପରିସମାପ୍ତି ଘଟିଛି। ଆସନ୍ତାକାଲି ସିନିୟର ସ୍ତରୀୟ ଖେଳ ଅନୁଷ୍ଠିତ ହେବ। ଆଜିର ଖେଳର ପୁରସ୍କାର ବିତରଣ ଉତ୍ସବରେ ଉପ ଜିଲ୍ଲାପାଳ ଶୁଭଶ୍ରୀ ରଥ, ଈଶ୍ୱର ବେହେରା, ଚନ୍ଦ୍ର ବିନ୍ଦୁ ଦାସ, ଚନ୍ଦ୍ରଶେଖର ନନ୍ଦ ଉପସ୍ଥିତ ରହି ପୁରସ୍କାର ବିତରଣ କରିଥିଲେ। ନୀଳଗିରି ବ୍ଲକରେ ୪୦୦୦ରୁ ଅଧିକ ଖେଳାଳୀ ଜୁନିଅର ଏବଂ ସିନିଅର ସ୍ତରରେ ରେଜିଷ୍ଟ୍ରେସନ କରିଥିଲେ। ବ୍ଲକ ସ୍ତରରେ ଜିତିଥିବା ଖେଳାଳିମାନେ ଏହାପରେ ବାଲେଶ୍ୱର ଜିଲ୍ଲାରେ ଲୋକସଭାସ୍ତରୀୟ ଖେଳରେ ଭାଗ ନେବେ। ଡିସେମ୍ବର ୨୫ରେ ଏହାର ଉଦଯାପନୀ ସମାରୋହ ବାଲେଶ୍ୱର ପରମିଟ ପଡିଆରେ ଅନୁଷ୍ଠିତ ହେବ।

## ବ୍ଲକସ୍ତରୀୟ ସାଂସଦ ଖେଳ ମହୋତ୍ସବ ଉଦ୍‌ଯାପିତ




ଜଳେଶ୍ୱର, ୧୭।୧୨(ସମିସ): ଜଳେଶ୍ୱର ପୌରାଞ୍ଚଳସ୍ଥିତ ଶାନ୍ତିଆ ଷ୍ଟାଡିୟମରେ ଦୁଇ ଦିନିଆ ସାଂସଦ ଖେଳ ମହୋତ୍ସବ ଆଜି ଉଦଯାପିତ ହୋଇ ଯାଇଛି। ମୁଖ୍ୟଅତିଥି ଭାବେ ବିଡିଓ ଗୌରାଙ୍ଗ ଚରଣ ଘୋଷ, ମୁଖ୍ୟବକ୍ତା ଭାବେ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ ସିଂ, ଆଇଆଇସି ଅଶୋକ ବାରିକ, ସାଂସଦ ପ୍ରତିନିଧି ବ୍ରଜମୋହନ ପ୍ରଧାନ, ତହସିଲଦାର ସତ୍ୟଜିତ ମହାନ୍ତି, କ୍ରିଡା ସଂଯୋଜକ ତନ୍ମୟ ଚାନ୍ଦ, ସହସଂପାଦକ ଦୁର୍ଗାଶଙ୍କର ଜେନା ପ୍ରମୁଖ ଯୋଗଦେଇ ମାଧ୍ୟମରେ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସରୋଜ ପାଣିଗ୍ରାହୀ ମଂଚ ସଂଚାଳନ କରିଥିବା ବେଳେ ଖେଳାଳୀମାନେ ଶପଥ ପାଠ କରି ଖେଳ ଆରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାଳି ଚରଣ ଦାସ, ରାଜେଶ ଖଟୁଆ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କୃତି ଖେଳାଳୀଙ୍କୁ ପୁରସ୍କାର କରାଯାଇଥିବା ବେଳେ ସେମାନେ ଜିଲା ସ୍ତରୀୟ ଖେଳକୁ ଯିବେ ବୋଲି ଜଣାଯାଇଛି।

ସକାଳ
THE SAKALA



# ବାଲେଶ୍ୱର ଗସ୍ତରେ ସ୍ୱାସ୍ଥ୍ୟ ବିଭାଗର ୮ ଜଣିଆ ଦଳ

ବାଲେଶ୍ୱର,୧୭।୧୨(ସମିସ)




ଆଜି ଓଡିଶା ସ୍ୱାସ୍ଥ୍ୟ ବିଭାଗର ଏକ ୮ ଜଣିଆ ଦଳ ୩ ଦିନିଆ ବାଲେଶ୍ୱର ଜିଲ୍ଲା ଗସ୍ତରେ ଆସି ପ୍ରଥମେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଖଇରା ଅଧୀନରେ ବିଭିନ୍ନ ସ୍ଥାନ ପରିଦର୍ଶନ କରିଥିଲେ। ସିମୁଳିଆ ଡାକ୍ତରଖାନାରେ ଟିମ ପହଁଚିବା ପରେ ତାଙ୍କୁ ସ୍ୱାଗତ କରାଯାଇଥିଲା। ପରେ ଅନିରୁଦ୍ଧ ପଣ୍ଡା ଓ ଗୋବିନ୍ଦ ମହାନ୍ତି ତାଙ୍କୁ ରାଇକୁଳା ଟୀକାକରଣ କେନ୍ଦ୍ରରେ ଗୋଟିଏ ଟିମ ଓ କ୍ଷୀରିପଦା ଟୀକାକରଣ କେନ୍ଦ୍ରକୁ ଆଉ ଗୋଟିଏ ଟିମକୁ ନେଇ ଯାଇଥିଲେ। ଟୀକାକରଣ କେନ୍ଦ୍ର ପରିଦର୍ଶନ କରି କୁରୁଣ୍ଟା ଓ ମାଖନପୁର ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଉପକେନ୍ଦ୍ର, ଗଣ୍ଡିବେଡ଼ ଓ ତୁରୀଗାଡ଼ିଆ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଶେଷରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଖଇରା ପରିଦର୍ଶନରେ ଯାଇଥିଲେ। ତାଙ୍କ ପରିଦର୍ଶନ ସମୟରେ ରାଇକୁଳା ଟୀକାକାରଣ କେନ୍ଦ୍ରର ବ୍ୟବସ୍ଥା, ନଥିପତ୍ର, ପିଲାଙ୍କୁ ଓ ଗର୍ବବତୀ ମାନଙ୍କୁ ପ୍ରଦାନ କରାଯାଉଥିବା ସେବା ଦେଖି ସେଠିକାର ମହିଳା ସ୍ୱାସ୍ଥ୍ୟ କର୍ମୀ ସଂଯୁକ୍ତା ରାଣୀ ଦାଶଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଖି ପ୍ରଶଂସା କରିଥିଲେ। ମାଖନପୁର ଟୀକାକରଣ ବ୍ୟବସ୍ଥା ଓ ମହିଳା ସ୍ୱାସ୍ଥ୍ୟ କର୍ମୀ ସତ୍ୟଭାମା ବାରିକ କୁ ମଧ୍ୟ ପ୍ରଶଂସା କରିଥିଲେ ମଧ୍ୟ ମାଖନପୁର ଆରୋଗ୍ୟ ମନ୍ଦିରକୁ ଆହୁରି ଉନ୍ନତି ପାଇଁ ବିଭିନ୍ନ ପରାମର୍ଶ ଦେଇଥିଲେ। ଶେଷରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଖଇରାର ସ୍ୱଚ୍ଛତା ଓ ଅନ୍ୟାନ୍ୟ ବ୍ୟବସ୍ଥା ଦେଖି ଖୁସି ବ୍ୟକ୍ତ କରିଥିଲେ। ଏହା କେବଳ ଚିକିତ୍ସା ଅଧିକାରୀ ଡା ପ୍ରଭାକର ମିଶ୍ରଙ୍କ ପାଇଁ ସମ୍ଭବ ହୋଇପାରିଛି ବୋଲି କହିଥିଲେ। ଏହି ଟିମ୍‌ରେ ଅତିରିକ୍ତ ନିର୍ଦ୍ଦେଶକ ଡା ମୁରଲୀଧର ପାଢ଼ୀ, ସହ ନିର୍ଦ୍ଦେଶକ ଟି ବି ଡା. ଅର୍ଘ୍ୟ ପ୍ରଧାନ, ମଳୟ କୁମାର ପାଣିଗ୍ରାହୀ, ସନ୍ତୋଷ କୁମାର ନାୟକ, ଚନ୍ଦନେଶ ମିଶ୍ର, ଦୀପକ ବିଶ୍ୱାଳ, ସଂଜୀବ ସୁତାର, ପୁରୁଷୋତ୍ତମ ବଡ଼ପଣ୍ଡା ସାମିଲ ଥିବା ବେଳେ ତାଙ୍କ ସହିତ ବାଲେଶ୍ୱର ସ୍ୱାସ୍ଥ୍ୟ ମିଶନ ଜିଲ୍ଲା ପ୍ରକଳ୍ପ ସଂଯୋଜକ ଚକ୍ରଧର ଜେନା, ଜିଲ୍ଲା ଟି ବି ସଂଯୋଜକ ବିଶ୍ୱରଂଜନ ନାୟକ, ସହ ସଂଯୋଜକ ଆଶା ସୂର୍ଯ୍ୟଜିତ ରାୟ, ଡି ଏମ ଆର ସି ଏଚ ବାଲେଶ୍ୱର, ଖଇରା ବିପିଏମ ସୂର୍ଯ୍ୟକାନ୍ତ ବାରିକ ଓ ପରିଦର୍ଶକ ମୁକ୍ତିକାନ୍ତ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

**ଟୀକାକରଣ, ରକ୍ତହୀନତା, ଟିବି, ଅଣସଂକ୍ରାମକ ରୋଗ ଓ ସ୍ୱଚ୍ଛତାକୁ ଗୁରୁତ୍ୱ**

# ସୋରରେ ଜାତୀୟ ପେନ୍‌ସନ ଦିବସ

ସୋର, ୧୭।୧୨(ସମିସ): ସୋର ଅବସରପ୍ରାପ୍ତ କର୍ମଚାରୀ ସଂଘ ଆନୁକୂଲ୍ୟରେ ସଭାପତି ନବକିଶୋର ଦାସଙ୍କ ଅଧ୍ୟକ୍ଷତାରେ ସଂଘ ସଭାଗୃହରେ ଜାତୀୟ ପେନ୍‌ସନ ଦିବସ ପାଳିତ ହୋଇଯାଇଛି। ଉକ୍ତ ସଭାରେ ସୋର ଉପକୋଷାଗାର ଅଧିକାରୀ ସନ୍ଦୀପ ପାଇରା, ଭାରତୀୟ ଷ୍ଟେଟ ବ୍ୟାଙ୍କ, ସୋର ଶାଖା ମୁଖ୍ୟ ପ୍ରବନ୍ଧକ ଗୋବିନ୍ଦ ଚନ୍ଦ୍ର ନାୟକ ଓ ୟୁକୋ ବ୍ୟାଙ୍କ, ସୋର ଶାଖା ମୁଖ୍ୟ ପ୍ରବନ୍ଧକ ଶୈଳେନ୍ଦ୍ର ନାରାୟଣ ବିଶ୍ୱାଳ ଯୋଗଦେଇ ପେନ୍‌ସନ ସମ୍ବନ୍ଧୀୟ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିବା ସହିତ ସେମାନଙ୍କର ସହଯୋଗ ଯୋଗାଇ ଦେବାର ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ଉପସଭାପତି ଦାମୋଦର ଦାଶ ମହାପାତ୍ର ଅଷ୍ଟମ ବେତନ ଆୟୋଗ ଦ୍ୱାରା ପେନ୍‌ସନ ନିର୍ଦ୍ଧାରଣ ପ୍ରସଂଗରେ ସମ୍ଭାବ୍ୟ ସଂକଟ ଉପରେ ଆଲୋକପାତ କରିବା ସଂଗେ ସଂଗେ ସଂଗଠନକୁ ତୃଣମୂଳ ସ୍ତରରୁ ସୁଦୃଢ଼ କରିବା ପାଇଁ ନିବେଦନ କରିଥିଲେ। ସରକାର ବିଧାୟକମାନଙ୍କର ଦରମା ବଢ଼ାଇ ଦେଲେ, ମାତ୍ର କରୋନା ସମୟରେ ୧୮ ମାସର ଟି.ଆଇ. ପ୍ରାପ୍ୟ ଏଯାବତ୍ ନ ମିଳିବା, ଚିକିତ୍ସା ଭତ୍ତା, ବସ୍-ଟ୍ରେନରେ ରିହାତି ୮୦ ବର୍ଷରେ ୨୦% ଅତିରିକ୍ତ ପେନ୍‌ସନ ବଦଳରେ ୬୫ ବର୍ଷରୁ ୫% ଲେଖାଏଁ ପ୍ରଦାନର ଦାବି କରାଯାଉଥିଲେ ମଧ୍ୟ ସରକାର ଦୀର୍ଘ ଦିନ ଧରି ସେଥିପ୍ରତି କର୍ଣ୍ଣପାତ କରୁନାହାନ୍ତି। ଦାବିଗୁଡ଼ିକ ଉପରେ ସଦସ୍ୟମାନେ ଆଲୋଚନା କରି ଗଭୀର ଉଦ୍‌ବେଗ ପ୍ରକାଶ କରିଥିଲେ। ସର୍ବପ୍ରଥମେ ସଂପାଦକ ଭଗବାନ ମହାପାତ୍ର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ ଓ ସଦସ୍ୟ ପ୍ରଫୁଲ୍ଲ କୁମାର ଷଡ଼ଙ୍ଗୀ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ। ସୋର ନାଗରିକ ମଞ୍ଚ ସଭାପତି ନେତ୍ରାନନ୍ଦ ରାଉତ, ଗାଁ ମଜଲିସ୍ ସଂପାଦକ ଦେବେନ୍ଦ୍ର କୁମାର ପ୍ରଧାନ, ଗଂଗାଧର ପାଢ଼ୀ, ଚକ୍ରଧର ପାଢ଼ୀ, ନିତ୍ୟାନନ୍ଦ କର, ନୀରୋଦ ପଟ୍ଟନାୟକ, ପଦ୍ମଲୋଚନ ଦ୍ୱିବେଦୀ, ମିହିର କୁମାର ଦାସ, ରବୀନ୍ଦ୍ର କୁମାର ଦାସ, ନବକିଶୋର ଦାସ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ଭୋଗରାଇରେ ବ୍ଲକସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ

ଭୋଗରାଇ, ୧୭।୧୨(ସମିସ) : ଭୋଗରାଇ ପଞ୍ଚାୟତ ସମିତି ପରିସରରେ ଆଜି ବ୍ଲକ ସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଜ୍ୟୋତ୍ସ୍ନା ମହାନ୍ତି ସଭାପତିତ୍ୱ କରିଥିଲେ। ରାଜ୍ୟ ମହିଳା କମିଶନ ସଭାପତି ଶୋଭନା ମହାନ୍ତି, ବିଡିଓ ପ୍ରଶାନ୍ତ କୁମାର ମହାରଣା, ଇନ୍ସପେକ୍ଟର ଅର୍ପିତା ପ୍ରିୟଦର୍ଶିନୀ ଦାସ,ଟ୍ରେନର ଏନ୍ ଟୁନା ସାହୁ ପ୍ରମୁଖ ବାଲ୍ୟ ବିବାହ, ମହିଳା ମାନଙ୍କ ଉପରେ ବଢୁ ଥିବା ହିଂସା ଉପରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀଣୀ ସୁଭର୍ଣ୍ଣା ବେହେରା, ସ୍ୱପ୍ନା ପ୍ରହରାଜ, ଜିଲ୍ଲା ସଂଯୋଜକ ଦୀପକ କୁମାର ପାଳ ଆର୍ଥିକ ସଂଯୋଜକ ବିନୟ କୃଷ୍ଣ ପାତ୍ର, ରାଜେଶ ଦାସ,ଗୌରୀଶଙ୍କର ରାଉତ ପ୍ରମୂଖ ଉପସ୍ଥିତ ଥିଲେ। ଆମନ୍ତ୍ରିତ ଅତିଥି ଭାବେ ସେଠାରେ ଉପସ୍ଥିତ ଥିବା ସାଂସଦ ପ୍ରତିନିଧି ତଥା ବିଜେପି ନେତା ଆଶିଷ ପାତ୍ର କାର୍ଯ୍ୟକ୍ରମ ଆୟୋଜନର ଅବ୍ୟବସ୍ଥା କୁ ନେଇ ବ୍ଲକ ପ୍ରଶାସନ ଉପରେ ଅସନ୍ତୋଷ ପ୍ରକାଶ କରିଥିବା ଦେଖିବାକୁ ମିଳିଥିଲା। ଶ୍ରୀ ପାତ୍ର ଙ୍କ କହିବାନୁଯାୟୀ ଯେଉଁ ବିଭାଗ ଏହି କାର୍ଯ୍ୟକ୍ରମ ଆୟୋଜନ କରୁଛନ୍ତି ସେମାନେ କିଭଳି କାର୍ଯ୍ୟକ୍ରମ ସମ୍ପର୍କରେ ପୂର୍ବରୁ ବିଡିଓ କିମ୍ବା ବ୍ଲକ ଅଧ୍ୟକ୍ଷଙ୍କୁ ଜଣାଇଲେ ନାହିଁ। ସେହିପରି ଲୋକଙ୍କ ପାଇଁ ଖାଦ୍ୟପେୟରେ ମଧ୍ୟ ଅବ୍ୟବସ୍ଥା ହୋଇଛି। ୩୩ ନମ୍ବର ଜୋନର ଜିଲ୍ଲା ପରିଷଦ ସଭ୍ୟ ସନ୍ତୋଷ କୁମାର ଜେନା ମଧ୍ୟ କହିଥିଲେ ଯେ ଏହି କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ଅବ୍ୟବସ୍ଥା ମଧ୍ୟରେ ହେଉଅଛି, କାର୍ଯ୍ୟକ୍ରମ ବାବଦରେ କେବଳ ଗୋଟିଏ ଚିଠି ହ୍ୱାଟ୍ସଆପ ଗ୍ରୁପରେ ପକେଇ ଚୁପ୍ ବସିଛନ୍ତି ବିଭାଗୀୟ କର୍ମଚାରୀ। ଉକ୍ତ କାର୍ଯ୍ୟକ୍ରମକୁ ସିଡ଼ିପିଓ ପବିତ୍ରା ହାଜିଦା, ବନଲତା ମହାନ୍ତି, ପରିଚାଳନା କରିଥିବାବେଳେ ଅଙ୍ଗନବାଡି କର୍ମୀ, ସରପଂଚ, ସମିତି ସଭ୍ୟ ସଭ୍ୟା, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ପାଠଚକ୍ର ବନ୍ଦ ନେଇ ଛାତ୍ରଛାତ୍ରୀଙ୍କ ଧାରଣା



ସିମୁଳିଆ, ୧୭।୧୨ (ସମିସ): ସିମୁଳିଆ ମହାବିଦ୍ୟାଳୟର ଓଡ଼ିଆ ବିଭାଗର ଛାତ୍ରଛାତ୍ରୀ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ସିମୁଳିଆ ମହାବିଦ୍ୟାଳୟ ପକ୍ଷରୁ ବିଭିନ୍ନ ବିଭାଗର ପାଠଚକ୍ର ନିମନ୍ତେ ଚିଠି ସଂଖ୍ୟା ୪୯,ନଭେମ୍ବର ମାସ ୧୧ତାରିଖରେ ଅବଗତ କରାଯାଇଥିଲା। ସେହି ପରିପ୍ରେକ୍ଷୀରେ ଓଡ଼ିଆ ବିଭାଗର ଓଡ଼ିଆ ପାଠଚକ୍ର ବୁଧବାର ଦିନ କାର୍ଯ୍ୟକ୍ରମ ନିମନ୍ତେ ପ୍ରସ୍ତୁତି କରାଯାଇଥିଲା। ମାତ୍ର ମହାବିଦ୍ୟାଳୟ ପକ୍ଷରୁ ଏହି କାର୍ଯ୍ୟକ୍ରମ ବନ୍ଦ ରଖିବାକୁ ନିର୍ଦ୍ଦେଶ ଆସିଥିଲା। ପାଠଚକ୍ର କାହିଁକି ବନ୍ଦ କରି ଦିଆଗଲା ତା'ର ପ୍ରତିବାଦରେ ବିଦ୍ୟାଳୟର ଛାତ୍ରଛାତ୍ରୀ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରାଣାରେ ବସିଥିଲେ। ମହାବିଦ୍ୟାଳୟ ପକ୍ଷରୁ ଅଧ୍ୟକ୍ଷ ପିଲାମାନଙ୍କୁ ବୁଝାସୁଝା କରିବା ସହ ସେମାନଙ୍କ ପାଠଚକ୍ର ଅନୁଷ୍ଠିତ ହେବାନେଇ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏ ସଂକ୍ରାନ୍ତରେ ଅଧ୍ୟକ୍ଷ ଅର୍ଜୁନ କୁମାର ପ୍ରଧାନଙ୍କୁ ଯୋଗାଯୋଗ କରିବାରୁ ପାଠଚକ୍ର ବନ୍ଦ କରାଯାଇଛି। ଓଡିଆ ବିଭାଗର ମୁଖ୍ୟ ନାରାୟଣ ଦାଶ ପରିଚାଳନା କରିଥିଲେ। ବିଶେଷଜ୍ଞ ଅଜୟ କୁମାର ପଣ୍ଡା ଯୋଗଦାନ କରିଥିଲେ। ସୁଚାରୁରୂପେ ଛାତ୍ରଛାତ୍ରୀ ପାଠଚକ୍ରରେ ଅଂଶ ଗ୍ରହଣ କରିଥିଲେ।

# ସେଣ୍ଟ୍ ଜାଭିୟର୍ସ ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ



ସୋର, ୧୭।୧୨ (ସମିସ): ସୋର ପୌର ପାଳିକା ଅନ୍ତର୍ଗତ ଉତ୍ତରେଶ୍ୱର ସେଣ୍ଟ ଜାଭିୟର୍ସ ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ତିନି ଦିନିଆ ଏହି କ୍ରୀଡ଼ା ଉତ୍ସବକୁ ବିଦ୍ୟାଳୟର ଚେୟାରମ୍ୟାନ୍ ଇଂଜିନିୟର ବନମାଳୀ ଦାସ କ୍ରୀଡ଼ା ପତାକା ଉତ୍ତୋଳନ କରି ଉଦ୍‌ଘାଟନ କରିବା ପରେ ବିଦ୍ୟାଳୟ ପରିଚାଳନା ନିର୍ଦ୍ଦେଶକ ଅଶୋକ କୁମାର ମହାନ୍ତି, ଅଧ୍ୟକ୍ଷ ପ୍ରଶାନ୍ତ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ସିନିୟର, ସବ୍ ସିନିୟର, ଜୁନିୟର ଏବଂ ସବଜୁନିୟର ୪ଟି ଗ୍ରୁପରେ ୨୭ଟି ବିଭାଗରେ ଖେଳ ଅନୁଷ୍ଠିତ ହୋଇଥିଲା। ଆଜି ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସୋର ଷ୍ଟେଟବ୍ୟାଙ୍କ ମୁଖ୍ୟ ପରିଚାଳକ ଗୋବିନ୍ଦ ଚନ୍ଦ୍ର ନାୟକ ଯୋଗଦେଇ ସୁନ୍ଦର ସ୍ୱାସ୍ଥ୍ୟ ସୁରକ୍ଷା ଏବଂ ନିରୋଗ ରହିବା ପାଇଁ କ୍ରୀଡ଼ାର ଆବଶ୍ୟକତା ଜରୁରୀ ବୋଲି କହିଥିଲେ। ବିଦ୍ୟାଳୟ ଚେୟାରମ୍ୟାନ ଇଂ.ଦାସ ପିଲାମାନଙ୍କର ଉଚ୍ଚକୋଟିର କ୍ରୀଡ଼ା ପ୍ରଦର୍ଶନର ପ୍ରଶଂସା କରିଥିଲେ। ବିଦ୍ୟାଳୟ ପରିଚାଳନା ନିର୍ଦ୍ଦେଶକ ଶ୍ରୀ ମହାନ୍ତି ସ୍ୱାଗତ ଭାଷଣ ଦେଇଥିବା ବେଳେ ଶିକ୍ଷା ସଂଯୋଜକ ଦୀପ୍ତିକାନ୍ତ ନାୟକ ଅତିଥି ପରିଚୟ ପ୍ରଦାନ କରିଥଲେ। ଅଧ୍ୟକ୍ଷ ଶ୍ରୀ ନାୟକ ସଭାପରିଚାଳନା କରିଥିବାବେଳେ ଉପାଧ୍ୟକ୍ଷ ପର୍ଶୁରାମ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ମୁଖ୍ୟ ଅତିଥି ଶ୍ରୀ ନାୟକ କୃତୀ ପ୍ରତିଯୋଗୀମାନଙ୍କୁ ପ୍ରଶଂସାପତ୍ର ଏବଂ ପୁରସ୍କାର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ଶିକ୍ଷୟିତ୍ରୀ,କର୍ମଚାରୀ ଶୈଳେନ୍ଦ୍ର ନାରାୟଣ ପଣ୍ଡା, ଚନ୍ଦନ ପଟ୍ଟନାୟକ, ଶ୍ରୀନିବାସ ପଣ୍ଡା, ଚିତ୍ତରଂଜନ ରାଉତ, ସଂଜୟ କୁମାର ସ, ଝିନ୍ନୀରାଣୀ ପତି, ରୁକସାର ରସିଦ, ଦମୟନ୍ତୀ ରାଉତ, ଅହଲ୍ୟା ବେହେରା, ମାଧବୀଲତା ବେହେରା, ରଶ୍ମିତା ବଳ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଜାତୀୟ ପେନସନ ଦିବସ ପାଳିତ

ବାଲେଶ୍ୱର,୧୭ ।୧୨(ସମିସ): ସ୍ଥାନୀୟ ଅଫିସ କାର୍ଯ୍ୟାଳୟ ପରିସରରେ ଅବସରପ୍ରାପ୍ତ ରେଳ କର୍ମଚାରୀ ସଂଘ ଦ୍ୱାରା ଜାତୀୟ ପେନସନ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ସଭାପତି ଚତୁର୍ଭୁଜ ଜେନା ପରିଚାଳନା କରିଥିଲେ। ସମ୍ପାଦକ ରାମଚନ୍ଦ୍ର ଦାସ ବିଗତ ବୈଠକର ବିବରଣୀ ପାଠ କରିବା ସହ ପେନସନଭୋଗୀଙ୍କ ସୁବିଧା ଅସୁବିଧା ବିଷୟରେ ଆଲୋଚନା କରିଥିଲେ। ସଂଘର ପ୍ରତିଷ୍ଠାତା ସଭାପତି ରମେଶ ଚନ୍ଦ୍ର ଜେନା ଜାତୀୟ ପେନସନ ଦିବସ ପାଳନର ତାତ୍ପର୍ଯ୍ୟ ବିଷୟରେ ଆଲୋଚନା କରି ଭାରତରେ ଇଷ୍ଟ ଇଣ୍ଡିଆ କମ୍ପାନୀ ରେଳ ଗମନାଗମନ ନିମନ୍ତେ ଉକ୍ତ ବିଭାଗରେ ଦୀର୍ଘଦିନ କାର୍ଯ୍ୟ କରି ଅବସର ନେବା ଦିନଠାରୁ କର୍ମଚାରୀଙ୍କ ବାର୍ଦ୍ଧକ୍ୟ ସମୟରେ ଜୀବନଯାପନକୁ ସୁଦୃଢ଼ ଏବଂ ଶାନ୍ତିପୂର୍ଣ୍ଣ ଭାବରେ କଟାଇବା ପାଇଁ ପେନସନ ବ୍ୟବସ୍ଥା କରିଯାଇଥିଲା ବୋଲି କହିଥିଲେ। ଏହାଛଡା କେବଳ ପେନସନ ନୁହେଁ କର୍ମରତ ଏବଂ ଅବସରପ୍ରାପ୍ତ କର୍ମଚାରୀଙ୍କ ପାଇଁ ରିହାତି ମୂଲ୍ୟରେ ଆବଶ୍ୟକୀୟ ରେସନ ମଧ୍ୟ ପ୍ରଦାନ କରିବାର ବନ୍ଦୋବସ୍ତ କରିଯାଇଥିଲା ବୋଲି କହିଥିଲେ। ଭାରତର ସମସ୍ତ କେନ୍ଦ୍ର ଏବଂ ରାଜ୍ୟ ସରକାରୀ କର୍ମଚାରୀ ସହ ବହୁବିଧ ସଂସ୍ଥାର ଅବସରପ୍ରାପ୍ତ କର୍ମଚାରୀମାନେ ସେମାନଙ୍କର ଅବସରକାଳୀନ ଉଚିତ ପେନସନ ସହିତ ଦିନକୁ ଦିନ ଦରବୃଦ୍ଧି ସହିତ ମହଙ୍ଗାଭତା ସହିତ ଅନ୍ୟାନ୍ୟ ଭତା ପାଇ ଆସିଛନ୍ତି। କିନ୍ତୁ ଦୁଃଖର କଥା ଏବର ଭାରତ ସରକାରଙ୍କ ୨୦୨୫ ମାର୍ଚ୍ଚ ୨୫ ତାରିଖ ଅର୍ଥ ଆଇନର ୪ର୍ଥ ପରିଚ୍ଛେଦକୁ ସଂଶୋଧନ କରି ପେନସନଭୋଗୀଙ୍କ ପେନସନ ଓ ଆନୁସଙ୍ଗିକ ପ୍ରାପ୍ୟ ଯାହା ସାମ୍ବିଧାନିକ ଅଧିକାର ହରଣ କରିବାକୁ ପ୍ରଚେଷ୍ଟା କରୁଛନ୍ତି। ଯାହା ସମସ୍ତ ପେନସନଭୋଗୀଙ୍କ ବାର୍ଦ୍ଧକ୍ୟକାଳୀନ ଜୀବନଯାପନରେ ବହୁ ବିଘ୍ନ ସୃଷ୍ଟିକରି ପେନସନଭୋଗୀଙ୍କୁ ଅକାଳ ମୃତ୍ୟୁ ଆଡକୁ ଠେଲି ହୋଇ ଯିବାକୁ ବାଧ୍ୟ କରିବ ବୋଲି କୁହାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ସତ୍ୟରଞ୍ଜନ ରାଉତ, ଅକ୍ଷୟ କୁମାର ପଣ୍ଡା, ଅନୀଲ ଚନ୍ଦ୍ର ବେହେରା, ଗଗନ ଚନ୍ଦ୍ର ଦଳାଇ, ଉପଦେଷ୍ଟା ଗିରିଧାରୀ ବିନ୍ଧାଣି, ଦୈତାରୀ ମାହାନ୍ତ, ରଣଜିତ ସିଂ, ସୁକୁମାର ବେହେରା, ହରେକୃଷ୍ଣ ବେହେରା, ଚିଟି ବାବୁଡୋରା, ସନ୍ତୋଷ ଗୋଛାୟତ, ଭାଗବତ ଦାସ, ବିଜୟ କୁମାର ସେନାପତି, ପ୍ରଫୁଲ୍ଲ ସେଠୀ, ରବୀନ୍ଦ୍ରନାଥ ରଣା ଯୋଗଦେଇ ନିଜର ମତ ରଖିଥିଲେ। ଭାଗବତ ଦାସ ଧନ୍ୟବାଦ ଦେଇଥିଲେ।

# ନଳଗଜା କଲେଜର ସୁବର୍ଣ୍ଣ ଜୟନ୍ତୀ ଉପଲକ୍ଷେ ବନ୍ଧୁ ସମାବେଶ



ଲଙ୍ଗଳେଶ୍ୱର, ୧୭।୧୨(ସମିସ): ବାଲିଆପାଳ ବ୍ଲକ ଡଗରା ଠାରେ ମୟୂରଭଞ୍ଜ ଜିଲ୍ଲା ନଳଗଜା ଉପେନ୍ଦ୍ରନାଥ ମହାବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ପାଳନ କରିବାକୁ ଯାଉଥିବାବେଳେ ୨୦୦୧ ବର୍ଷର ବିଦ୍ୟାର୍ଥୀଙ୍କ ଦ୍ୱାରା ଡଗରାଠାରେ ସୁବର୍ଣ୍ଣ ସମ୍ପର୍କ ର ବନ୍ଧୁମିଳନ ଉତ୍ସବ ସହିତ ରୌପ୍ୟଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଛାତ୍ରସଂସଦର ପୂର୍ବତନ ସଭାପତି ପ୍ରବୀଣ ନନ୍ଦ ପ୍ରଧାନଙ୍କ ପୌରୋହିତ୍ୟରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟାପକ କିଶାରାମ ମହାପାତ୍ର, ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ସୁଦର୍ଶନ ଖିଲାର, ବିଶିଷ୍ଟ ଅତିଥି ଭାବେ ଡ. ସୁଶାନ୍ତ ଦାସ, ସମ୍ମାନିତ ଅତିଥି ଭାବେ ଅଧ୍ୟାପିକା ଅଞ୍ଜଳି ମହାନ୍ତି ପ୍ରମୁଖ ଯୋଗ ଦେଇ ଏ ଭଳି ନିଆରା କାର୍ଯ୍ୟକ୍ରମର ପ୍ରଶଂସା କରିଥିଲେ। ପୁରାତନ ଛାତ୍ର ସଂସଦ ର ଆବାହକ ଶାନ୍ତନୁ ମହାପାତ୍ର ମଞ୍ଚ ପରିଚାଳନା କରିଥିବା ବେଳେ ଚିତ୍ତ ରଞ୍ଜନ ଭୁୟାଁ ଏବଂ ଶିବଶଙ୍କର ସାହୁ ସହଯୋଗ କରିଥିଲେ। ଗଣେଶ ଗିରି ଗୋସ୍ୱାମି ସ୍ୱାଗତ ଭାଷଣ ଦେଇଥିବା ବେଳେ ଗୋପାଳ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ।

## ମଦ ଜବତ, ୩ ଗିରଫ

ଭୋଗରାଇ, ୧୭।୧୨ (ସମିସ): ଭୋଗରାଇ ବ୍ଲକ ଅବକାରୀ ଥାନା ପକ୍ଷରୁ ଚଢ଼ଉ କରାଯାଇ ୮୭.୬ ଲିଟର ଚୋରା ମଦ ସହିତ ଜଣ ଚୋରା ମଦ ବେପାରୀଙ୍କୁ ଗିରଫ କରିଛି। ଭୋଗରାଇ ବ୍ଲକ ବାରବାଟିଆ ଗ୍ରାମର ବାସନ୍ତୀ ଟୁଡୁ ପାଖରୁ ୩୦ ଲିଟର, କୁଚିଲାଡାଙ୍ଗର ଗ୍ରାମର ସୁମିତ୍ରା ଘଡ଼ାଇ ପାଖରୁ ୧୨.୬ ଲିଟର ଓ ବରବରିଆ ଗ୍ରାମର ଭରତ ଟୁଡୁ ପାଖରୁ ୪୫ ଲିଟର ଚୋରା ମଦ ଜବତ କରିଛି ଅବକାରୀ ବିଭାଗ। ଏ ନେଇ ଅବକାରୀ ଥାନାରେ ପୃଥକ ମାମଲା ରୁଜୁ ହୋଇଛି। ଏହି ଚଢ଼ାଉରେ ଭୋଗରାଇ ଅବକାରୀ ଥାନା ଓଆଇସି ସୁନୀଲ ମାଝୀ, ଏଏସଆଇ ଦିଲ୍ଲୀପ ତ୍ରିପାଠୀ, କନଷ୍ଟେବଳ ବ୍ରହ୍ମଜିତ ଦାସଙ୍କ ସହିତ ଅନ୍ୟମାନେ ସାମିଲ ଥିଲେ।

# ଯୁଧିଷ୍ଠିର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବାଲିଆପାଳ, ୧୭।୧୨ (ସମିସ): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ କୁଣ୍ଡୁଳି ପଞ୍ଚାୟତ ସ୍ଥିତ ଯୁଧିଷ୍ଠିର ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ବୁଧବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ସୁଧନ୍ୱା ପଟ୍ଟାୟତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାପକ ଓ ବାଲେଶ୍ୱର ଶିଶୁ ମଙ୍ଗଳ କମିଟିର ସଦସ୍ୟ ଶତ୍ରୁଘ୍ନ ମଲ୍ଲିକ, ମୁଖ୍ୟବକ୍ତା ଭାବେ କବି ସୁକୁମାର ଦାସ, ସମ୍ମାନିତ ଅତିଥି ଅବସରପ୍ରାପ୍ତ ଅଧ୍ୟକ୍ଷ ଜୟନ୍ତ କୁମାର ପାଣି, ଜଳନ୍ଧର ମଲ୍ଲିକ, ବିଶ୍ୱକେତନ ବେହେରା ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷା ହେଉଛି ଶକ୍ତିଶାଳୀ ଅସ୍ତ୍ର ଯାହାକି ନିଜକୁ କ୍ଷମତାଶାଳୀ କରିବା ସହିତ ଦେଶକୁ ପରିବର୍ତ୍ତନ କରିପାରେ। କ୍ରୀଡା, ଶିକ୍ଷା, ସମର ଶିକ୍ଷାର୍ଥୀ ବାହିନୀ, ରେଡ଼କ୍ରସ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ ଛାତ୍ର ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ ସନାତନ ଚୈଧୁରୀ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ଅଧ୍ୟାପିକା ସାବିତ୍ରୀ ନାୟକ ଧନ୍ୟବାଦ୍ ଅର୍ପଣ କରିଥିଲେ। ଅଧ୍ୟାପକ ଜଗବନ୍ଧୁ ଦାସ, ରାଧାମୋହନ ଚୈଧୁରୀ, ଖଟୁରାମ ମଲ୍ଲିକ, କାହ୍ନୁଚରଣ ବେହେରା, ବଂଶୀଧର ମହୁରି, ମିହିର ଆଦେକ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ବାୟୁସେନା ସଂଗଠନର ଲୋକକଲ୍ୟାଣ କାର୍ଯ୍ୟକ୍ରମ




ବାଲେଶ୍ୱର,୧୭।୧୨(ସମିସ): ବାୟୁସେନା ସଂଗଠନ ତରଫରୁ ଶିବ ମୁନି ସେବା ସଂଗଠନ ମାନବ ମନ୍ଦିରରେ ବୃଦ୍ଧବୃଦ୍ଧାଙ୍କ ପାଇଁ ଶୀତ ବସ୍ତ୍ର ବଣ୍ଟନ କରାଯାଇଥିଲା। ଏଥିରେ ବାୟୁସେନା ସଂଗଠନର ସଭାପତି ଶିବ ଦାସ କୁଣ୍ଡୁ, ବଂଶୀଧର ସାହୁ, ଉପସଭାପତି, ମହେଶ୍ୱର ବେହେରା, ସମ୍ପାଦକ, ରାଜକିଶୋର ଜେନା, ସହ ସଂପାଦକ, କୃଷ୍ଣବନ୍ଧୁ ମିଶ୍ର, କୋଷାଧ୍ୟକ୍ଷ, ରସାନନ୍ଦ ବେହେରା, ସହ କୋଷାଧ୍ୟକ୍ଷ ଓ ଅନ୍ୟ ସଦସ୍ୟମାନେ ନିଜର ପରିବାର ସହିତ ଯୋଗ ଦେଇ ବୃଦ୍ଧା ଆଶ୍ରମ ଅନ୍ତେବାସୀମାନଙ୍କ ଉତ୍ତମ ସ୍ୱାସ୍ଥ୍ୟ ଓ ଦୀର୍ଘ ଜୀବନ କାମନା କରିଥିଲେ। ଯୋଗ ଦେଇଥିବା ସଦସ୍ୟ ଓ ତାଙ୍କ ପରିବାର ବର୍ଗଙ୍କ ମଧ୍ୟରୁ ପରମେଶ୍ୱର ବେହେରା, ବିଷ୍ଣୁ ଚରଣ ମହାପାତ୍ର, ଦେବେନ୍ଦ୍ର ସ୍ୱାଇଁ, ବୈଦ୍ୟନାଥ ପଣ୍ଡା, ମିନତି ପଣ୍ଡା, କୃଷ୍ଣ ଚରଣ ନାୟକ, ପ୍ରଭାତ ପାକଳ, କମଳାକାନ୍ତ ପଣ୍ଡା, ସୁନନ୍ଦ ପଣ୍ଡା, ନମିତା ପଣ୍ଡା, ଅନିମା ନାୟକ, ମାନସ ନାୟକ, ଅଶୋକ କୁମାର ଦାଶ ଓ ହିରଣ୍ମୟୀ ପଣ୍ଡା, ବିଜୟ ଲକ୍ଷ୍ମୀ ମିଶ୍ର, ସ୍ୱପ୍ନା କୁଣ୍ଡୁ, ନମିତା ଜେନା, ଅପର୍ଣ୍ଣା ବେହେରା, ସୁରେନ୍ଦ୍ର ନାଥ ପାଣିଗ୍ରାହୀ ଆଦି ପ୍ରମୁଖ କର୍ମୀ ଯୋଗ ଦେଇ ବୃଦ୍ଧା ଆଶ୍ରମର ଅନ୍ତେବାସୀ ମାନଙ୍କର ମନୋବଳ ବଢାଇବା ସହ କାର୍ଯ୍ୟକ୍ରମରେ ବିଶେଷ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୂଜ୍ୟପୂଜା ସଂଗଠନର ଅଜୟ ଦାସ ଓ ଅନ୍ୟ ସଦସ୍ୟମାନେ ସହଯୋଗ କରିଥିଲେ। ଏହି ଅବସରରେ ଆଶ୍ରମର ଦାୟିତ୍ୱ ନେଇଥିବା ସୁଧାକର ମୁନିଙ୍କ ଉଦ୍ୟମକୁ ସମସ୍ତେ ପ୍ରଶଂସା କରିଥିଲେ।

# ଆଦର୍ଶ ଶିକ୍ଷକଙ୍କ ଶ୍ରଦ୍ଧାଞ୍ଜଳି ସଭା

କାଳିପଦା, ୧୭।୧୨ (ସମିସ): ଆଦର୍ଶ ଶିକ୍ଷକ ମୂରଲୀ ମୋହନ ଜେନାଙ୍କ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇ ଯାଇଛି। ଅଧ୍ୟାପକ ସୁକାନ୍ତ ଗିରିଙ୍କ ପୌରହିତ୍ୟରେ ବକ୍ତା ବିଧାୟିକା ସୁବାସିନୀ ଜେନା, ଭାସ୍କର ଚନ୍ଦ୍ର ସାହୁ, ଜଗବନ୍ଧୁ ଜେନା, ସତ୍ୟକାମ ମହାନ୍ତି, ସୁଶାନ୍ତ ଦାସ, ସନ୍ତୋଷ ଦାସ, ରଘୁନାଥ ଜେନା, ପ୍ରାକ୍ତନ ଅଧ୍ୟାପକ ବିଜୟ ଜେନା, ସନ୍ୟାସୀ ବେହେରା, ସଦାଶିବ ସେଠୀ, ହରେକୃଷ୍ଣ ତ୍ରିପାଠୀ, ଶ୍ରୀହରି ମଣ୍ଡଳ, ଜଗନ୍ନାଥ ସାହୁ, ପ୍ରଦୀପ୍ତ ପାତ୍ର, ସର୍ବେଶ୍ୱର ପାତ୍ର, ସାମ୍ବାଦିକ ଅଜୟ ସାହୁ, ଗୋପାଳ ସାହୁ, ପ୍ରଫୁଲ୍ଲ ପାତ୍ର, କ୍ଷିତୀଶ ଜେନା ପ୍ରମୁଖ ଯୋଗ ଦେଇ ମୂରଲୀ ମୋହନ ଜେନାଙ୍କ ଜୀବନୀ, ପରୋପକାର, ସମାଜ ସେବା, କର୍ତ୍ତବ୍ୟନିଷ୍ଠା ସମ୍ପର୍କରେ ଆଲୋଚନା କରିଥିଲେ।

# ବାଗୁଡ଼ି ହାଇସ୍କୁଲରେ ବ୍ଲକସ୍ତରୀୟ ଶିଶୁମେଳା



ସୋର, ୧୭।୧୨(ସମିସ)

ସୋର ବ୍ଲକ ମହୁମୁହାଣ ପଞ୍ଚାୟତ ବାଗୁଡ଼ି ହାଇସ୍କୁଲରେ ୪୨ ତମ ବ୍ଲକସ୍ତରୀୟ ଶିଶୁ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସକାଳେ ଓଷ୍ଟା ସଭାପତି ରାମଚନ୍ଦ୍ର ପୃଷ୍ଟିଙ୍କ ଦ୍ୱାରା ସଙ୍ଘ ପତାକା ଉତ୍ତୋଳନ କରାଯାଇଥିଲା। କାର୍ଯ୍ୟକ୍ରମର ଉଦଘାଟନ ସଭାରେ ବ୍ଲକ ସମ୍ପାଦକ ବଳରାମ ସ, ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ବେହେରା, ରମେଶ ଚନ୍ଦ୍ର ବେହେରା, ବିଜୟ କୁମାର କର ଓ ମୃତ୍ୟୁଞ୍ଜୟ ଜେନା ପ୍ରମୁଖ ଅତିଥି ଭାବେ ଯୋଗଦାନ କରି ଅଭିଭାଷଣ ରଖିଥିଲେ। ତତପରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅପରାହ୍ନ ରେ ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ସୋର ବିଧାୟକ ମାଧବ ଧଡ଼ା ଯୋଗଦେଇ ଓଷ୍ଟାର ଏଇ ଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଅଗ୍ନି ଡେଣାର ସମ୍ପାଦକ ଡ଼. ପଙ୍କଜ କୁମାର ଜେନା ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ନିଜର ବକ୍ତବ୍ୟ ରଖିଥିଲେ। ରାଜ୍ୟ ଓଷ୍ଟାର ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାସ, ଅନ୍ୟତମ ଅତିଥି ଭାବେ ଅଶୋକ କୁମାର ମହାନ୍ତି, ସୁରେନ୍ଦ୍ର ବେହେରା, ରମେଶ ଚନ୍ଦ୍ର ବେହେରା,ବିଜୟ କୁମାର କର, ସ୍ଥାନୀୟ ସରପଞ୍ଚ ଗଦାଧର ମହାପାତ୍ର, ହଳଦୀପଦା ଓଷ୍ଟା ସମ୍ପାଦକ ହରିପଦ ଭୂୟାଁ ପ୍ରମୁଖ ଯୋଗ ଦେଇ ନିଜର ବକ୍ତବ୍ୟ ରଖିଥିଲେ। ଚଳିତ ବର୍ଷ ଅବସର ଗ୍ରହଣ କରିଥିବା ୧୮ ଜଣ ଶିକ୍ଷକ ଓ ଶିକ୍ଷା କର୍ମଚାରୀଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯିବା ସହିତ ବିଭିନ୍ନ ବିଭାଗରେ ୩୦ ଜଣ କୃତି ପ୍ରତିଯୋଗୀଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। କୃତିତ୍ୱ ଅର୍ଜନ କରିଥିବା ୨୦ ଜଣ ପ୍ରତିଯୋଗୀ ଜିଲ୍ଲା ସ୍ତରକୁ ମନୋନୀତ ହୋଇଥିଲେ। ଓଷ୍ଟା ସମ୍ପାଦକ ବଳରାମ ସ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ପ୍ରଧାନ ଶିକ୍ଷୟତ୍ରୀ ସଂଯୁକ୍ତା ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଓଷ୍ଟା ଯୁଗ୍ମ ସମ୍ପାଦକ ଅଜୟ କୁମାର ପାଢୀ ମଞ୍ଚ ସଂଚାଳନ କରିଥିଲେ। ଶେଷରେ କାର୍ଯ୍ୟକାରୀ ସଭାପତି ରମେଶ ଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଦିବସ ବ୍ୟାପି କାର୍ଯ୍ୟକ୍ରମକୁ ପ୍ରତାପ କୁମାର ଦାସ, ଉମାକାନ୍ତ ବେହେରା, ବାବୁରାମ ତ୍ରିପାଠୀ ହରିହର ତ୍ରିପାଠୀ, ଶ୍ରୀକାନ୍ତ ସୁନ୍ଦର ଦାସ, ବିଜୟ ବେହେରା, ବିକାଶ ଲେଙ୍କା, ସୁଶାନ୍ତ ପୃଷ୍ଟି, ସୁରଞ୍ଜନ ପଣ୍ଡା, ଗୋପବନ୍ଧୁ ବେଜ, ରାଜେଶ ନାୟକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

